# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଛତ୍ରପୁର

ପତ୍ରସଂଖ୍ୟା- ୮୪୩  ତା- 05.05.2025

## ବିଜ୍ଞାପନ

ଏତଦ୍ୱାରା ଛତ୍ରପୁର ପ୍ରକଳ୍ପ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ( ପତ୍ରସଂଖ୍ୟା ୪୯୭୦ ତା ୧୫.୦୩.୨୦୨୩ ରିଖ ) ନିର୍ଦ୍ଦେଶନାମା ମୁତାବକ ନିମ୍ନଲିଖିତ ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ଖାଲିପଡିଥିବା ଅଙ୍ଗନୱାଡି କର୍ମୀ ନିୟୋଜନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ନିମ୍ନଲିଖିତ ଯୋଗ୍ୟତା ଥାଇ ସମ୍ପୂର୍ଣ୍ଣ ଇଚ୍ଛୁକ ପ୍ରାର୍ଥିନୀ ମାନେ ଖାଲିଥିବା ଅଙ୍ଗନୱାଡି କେନ୍ଦ୍ର ସକାଶେ ଏହି ବିଜ୍ଞାପନ ପ୍ରକାଶ ହେବାର ୧୫ (ପନର) ଦିନ ମଧ୍ୟରେ ଅର୍ଥାତ୍ ତା ୨୪.୦୬.୨୦୨୫ ରିଖ ସୁଦ୍ଧା Anganwadi Engagement Portal (ଅଙ୍ଗନୱାଡି ଏନଗେଜମେଣ୍ଟ ପୋର୍ଟାଲ ) ଅନ ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟ ପରେ ପହଞ୍ଚିବା ଦରଖାସ୍ତ ଗୁଡିକ ଗ୍ରହଣ କରାଯାଇ ବିଚାରକୁ ନିଆଯିବ ନାହିଁ । ଏହି ନିୟୋଜନ ସମ୍ପୂର୍ଣ୍ଣ ଭାବେ ଅସ୍ଥାୟୀ ଅଟେ ଏବଂ ଏହି ନିୟୋଜନରେ ORV Act. ପ୍ରଯୁଜ୍ୟ ହୁଏ ନାହିଁ। ଭବିଷ୍ୟତରେ କୌଣସି କର୍ମୀଙ୍କ କାର୍ଯ୍ୟ ସନ୍ତୋଷଜନକ ନହେଲେ ତାଙ୍କୁ ଓଡିଶା ସରକାରଙ୍କ ନିୟମ ମୁତାବକ କାର୍ଯ୍ୟରୁ ଅନ୍ତର କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରାପ୍ତ ହୋଇଥିବା ସମସ୍ତ ଦରଖାସ୍ତ କ୍ରମାନ୍ୱୟରେ ତା ୨୫.୦୬.୨୦୨୫ ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟିକା ଠାରୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ଯାଞ୍ଚ କରାଯିବ । ସେହି ଯାଞ୍ଚ ସମୟରେ ସମ୍ପୃକ୍ତ ପ୍ରାର୍ଥିନୀ ସମସ୍ତ କାଗଜାତର ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବେ ।

ମୂଳ ପ୍ରମାଣପତ୍ର ଯାଞ୍ଚ ପରେ ଆବେଦନ କରିଥିବା ପ୍ରାର୍ଥିନୀଙ୍କ ନାମ ତାଲିକା ପ୍ରକାଶ କରାଯିବ ଏବଂ ପ୍ରାର୍ଥିନୀଙ୍କର ସ୍ଥାୟୀ ବାସିନ୍ଦା, ଶିକ୍ଷାଗତ ଯୋଗ୍ୟତା, ଜାତି ଏବଂ ଅନ୍ୟାନ୍ୟ ଯୋଗ୍ୟତା ସମ୍ବନ୍ଧରେ ଯଦି କୌଣସି ବ୍ୟକ୍ତି/ଗୋଷ୍ଠୀର ଅଭିଯୋଗ ଥାଏ ତେବେ ସେମାନେ ୦୭ ଦିନ ମଧ୍ୟରେ ଲିଖିତ ଅଭିଯୋଗ ଅନ ଲାଇନ ମାଧ୍ୟମରେ ଦାଖଲ କରିବେ ।

**ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକର ନାମ-**

<u>କେନ୍ଦ୍ରର ବିବରଣୀ</u>

| କ୍ରମ | କେନ୍ଦ୍ରର ନାମ | ଗ୍ରାମପଞ୍ଚାୟତ | ମଣ୍ଡଳ |
|---|---|---|---|
| ୦୧ | କମାପଲ୍ଲୀ | ଭିକାରୀପଲ୍ଲୀ | ଭିକାରୀପଲ୍ଲୀ |

ଉପରୋକ୍ତ ଅଙ୍ଗନୱାଡି କେନ୍ଦ୍ର ପାଇଁ ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ଆବେଦନକାରିଣୀ ନିମ୍ନଲିଖିତ ସାହିର ଅନ୍ତର୍ଭୁକ୍ତ ହୋଇଥିବେ ।

| କ୍ର ନଂ | ସାହିର ନାମ | କେନ୍ଦ୍ରାଞ୍ଚଳ ( ପ୍ରଥମ ଘର ଠାରୁ ଶେଷ ଘର) |
|---|---|---|
| ୦୧ | ଉପର ସାହି | ଡି. ରଘୁନାଥ ସାହୁ ୦୦୧------ଚୈତନ୍ୟ ପ୍ରଧାନ ୦୨୮ |
| ୦୨ | ବଡ ସାହି | ଡି. ସତ୍ୟବାଦୀ ସାହୁ ୦୨୯----- ତୁଳସୀ ପ୍ରଧାନ ୦୬୧ |
| ୦୩ | ନାଇକ ସାହି | ଜାନକୀ ପ୍ରଧାନ୦୬୨-------ଝୁନୁଝୁନା ନାୟକ ୦୮୨ |
| ୦୪ | ନୂଆ ସାହି | ପ୍ରକାଶ ପ୍ରଧାନ ୦୮୩------ଶଙ୍କର ପ୍ରଧାନ ୧୦୬ |

୧. ଆବେଦନକାରିଣୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ/ଯୁକ୍ତ ୨ ଶ୍ରେଣୀ ପାସ୍ ଅଥବା ତତ୍ତୁଲ୍ୟ ହୋଇଥିବା ଆବଶ୍ୟକ।
୨. ସେବା କାର୍ଯ୍ୟରେ ଆଗ୍ରହୀ ଥିବା ଯେକୌଣସି ବର୍ଗର ମହିଳାମାନେ ଆବେଦନ କରିପାରିବେ ।
୩. ଆବେଦନକାରିଣୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳ ଅଧିନର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ଯଦି ସମ୍ପୃକ୍ତ କେନ୍ଦ୍ରାଞ୍ଚଳର ପ୍ରାର୍ଥିନୀ ଉପଲବ୍ଧ ନଥିବେ ତେବେ ସେହି ଗ୍ରାମର ଅନ୍ୟ ଯେକୌଣସି କେନ୍ଦ୍ରାଞ୍ଚଳର ପ୍ରାର୍ଥିନୀ ଆବେଦନ କରିପାରିବେ ଏବଂ ଯଦି ପୂର୍ବ ଦୁଇଗୋଟି ଅଞ୍ଚଳର ପ୍ରାର୍ଥିନୀ ନମିଳନ୍ତି ତେବେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ଅଧିନରେ ଯେକୌଣସି ପ୍ରାର୍ଥିନୀ ଆବେଦନ କରିପାରିବେ ।
୪. ଆବେଦନକାରିଣୀଙ୍କ ବୟସ ତା ୦୧.୦୧.୨୦୨୫ ରିଖ ସୁଦ୍ଧା ସର୍ବନିମ୍ନ ୧୮ ବର୍ଷ ଏବଂ ସର୍ବାଧିକ ୩୫ ବର୍ଷ ହୋଇଥିବା ଆବଶ୍ୟକ ।
୫. ଯଦି ଅଙ୍ଗନୱାଡି ସାହାଯ୍ୟକାରିଣୀଙ୍କ ଉପରଲିଖିତ ସମସ୍ତ ଯୋଗ୍ୟତା ଥିବ ଏବଂ ସାହାଯ୍ୟକାରିଣୀ ରୂପେ ପାଞ୍ଚ ବର୍ଷରୁ ଅଧିକ କାର୍ଯ୍ୟ ତୁଲାଇ ଥିବେ ତେବେ ସେ ମଧ୍ୟ ଏହି ପଦବୀ ପାଇଁ ଆବେଦନ କରିପାରିବେ ଏବଂ ସାହାଯ୍ୟକାରିଣୀ ଯଦି ସରକାରଙ୍କ ନିୟମ ପ୍ରକାରେ ଯୋଗ୍ୟ ବିବେଚିତ ହୁଅନ୍ତି ତେବେ ଅନ୍ୟ ଆବେଦନକାରୀଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।

5/6/25

ଶିଶୁ ବିକାଶ ଯୋଜନା ଅଧିକାରୀ, ଛତ୍ରପୁର
C.D.P.O. ICDS Project
CHATRAPUR

# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଛତ୍ରପୁର

ପତ୍ରସଂଖ୍ୟା:-                                                                 ତା:-

<u>ଦରଖାସ୍ତ ସହ ଆବଶ୍ୟକୀୟ କାଗଜପତ୍ର</u>

୧. ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ର ।(ResdentialCertificate / <u>Nativity Certificate</u> ଏହି ବିଜ୍ଞାପନ ପ୍ରକାଶନ ତାରିଖର ପାଞ୍ଚ ବର୍ଷ ମଧ୍ୟରେ ତାହସିଲ୍ଦାରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ଆବଶ୍ୟକ)

୨. ଦ୍ୱାଦଶ/ ଯୁକ୍ତ ୨ ଶ୍ରେଣୀ ବୋର୍ଡ ସାର୍ଟିଫିକେଟର ନକଲ ଓ ମାର୍କସିଟର ନକଲ।

୩. ଦଶମ ଶ୍ରେଣୀ ବୋର୍ଡ ସାର୍ଟିଫିକେଟର ନକଲ ଓ ମାର୍କସିଟର ନକଲ ।(ପ୍ରାର୍ଥିନୀ ଯଦି ଓଡ଼ିଆ ମାଧ୍ୟମରେ ଦଶମ ଶ୍ରେଣୀ ପାସ୍ କରି ନଥିବେ ତେବେ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଅନୁଷ୍ଠାନରୁ ଓଡ଼ିଆ ବିଷୟ ଥାଇ ଅନ୍ୟୁନ ସପ୍ତମ ଶ୍ରେଣୀ ପାସ୍ କରିଥିବା ପ୍ରମାଣ ପତ୍ରର ନକଲ ସଂଲଗ୍ନ କରିବେ)

୪. ଯଦି ଉଚ୍ଚତର ଶିକ୍ଷା ଅଛି ତାହାର ପ୍ରମାଣ ପତ୍ରର ନକଲ ଦେବେ ।

୫. ଯଦି ଦରଖାସ୍ତକାରୀ ସଂରକ୍ଷିତ ବର୍ଗର ଅଟନ୍ତି ତେବେ ଜାତିଗତ ପ୍ରମାଣ ପତ୍ରର ନକଲ ଦେବେ ।

୬. ଯଦି ଦରଖାସ୍ତକାରୀ ଭିନ୍ନକ୍ଷମ ବର୍ଗର ଅଟନ୍ତି ତେବେ ତାହାର ପ୍ରମାଣ ପତ୍ରର ନକଲ ଦେବେ ।

୭. ଯଦି ଦରଖାସ୍ତକାରୀ ଅନାଥ/ବିଧବା/ଅସହାୟ ହୋଇଥିବେ ତେବେ ଆବଶ୍ୟକୀୟ ପ୍ରମାଣ ପତ୍ରର ନକଲ ଦାଖଲ କରିବେ । (ବିଧବା ହୋଇଥିଲେ ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣ ପତ୍ର ଦାଖଲକରିବେ )

୮. ଯଦି ଦରଖାସ୍ତକାରୀ ଛାଡପତ୍ର /ସ୍ୱାମୀ ପରିତ୍ୟକ୍ତା ହୋଇଥିବେ ପ୍ରମାଣ ପତ୍ରର / ଅଦାଲତ ଆଦେଶନାମାର ନକଲ ଦାଖଲ କରିବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର
C.D.P.O. ICDS Project
CHATRAPUR

ପରିପତ୍ର ସଂଖ୍ୟା:- ୮୪୪ ତା:- ୦୫.୦୫.୨୦୨୫

ଏହାର ଏକକିତା ନେହାମାନଙ୍କ ବୋଡ ପରାଅ :କେନ୍ଦ୍ର/ ବିଜ୍ଞାପିତ ଅଞ୍ଚଳ ପରିଷଦ/ ଗ୍ରାମ ପଞ୍ଚାୟତ ଏବଂ ଆଗ୍ରହୀ ମହିଳା ମାନଙ୍କ ଅବଗତି ନିମନ୍ତେ ବିଜ୍ଞପ୍ତି ଲଟକା ଜାରି କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର

ପରିପତ୍ର ସଂଖ୍ୟା:- ୮୪୫ ତା:- ୦୫.୦୫.୨୦୨୫
C.D.P.O. ICDS Project
CHATRAPUR

ଏହାର ଏକକିତା ନକଲ ସଂପୃକ୍ତ ଅଞ୍ଚଳ ପରିଦର୍ଶିକା / ଅ:କର୍ମୀ / ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର

ପରିପତ୍ର ସଂଖ୍ୟା:- ୮୪୬ ତା:- ୦୫.୦୫.୨୦୨୫
C.D.P.O. ICDS Project
CHATRAPUR

ଏହାର ଏକକିତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗଞ୍ଜାମ, ଛତ୍ରପୁର/ଉପଜିଲ୍ଲାପାଳ, ଛତ୍ରପୁର/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଛତ୍ରପୁରଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କରାଗଲା ଏବଂ ଏଠାରେ ସେମାନଙ୍କୁ ଅନୁରୋଧ କରାଗଲା ଯେ ଏହାର ଏକକିତା ନକଲ ନୋଟିସ୍ ବୋର୍ଡରେ ଲଟକା ଜାରି କରିବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର

ପରିପତ୍ର ସଂଖ୍ୟା:- ୮୪୩ ତା:- ୦୫.୦୫.୨୦୨୫
C.D.P.O. ICDS Project
CHATRAPUR

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମର ସରପଞ୍ଚ/ ୱାର୍ଡ ମେମ୍ବର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଛତ୍ରପୁର
C.D.P.O. ICDS Project
CHATRAPUR